## ସ୍ୱାଧୀନତା-ସଂଗ୍ରାମୀ ଓ ସମାଜ-ସଂସ୍କାରକ ଶ୍ରୀ ନରୋତ୍ତମ ବେହେରା

## ଗ୍ରାମ- ଦଶିପୁର, ପୋ- ବାଲଣା, ଭା- ମାର୍ଶାଘାଇ, ଜି- କେନ୍ଦ୍ରାପଡା

--------------------------------------------------------------------------------

୧୯୨୦ ମସିହା ଫଗୁଣ ମାସ ପଞ୍ଚୁଦୋଳ ଦିନ ଅବିଭାଜିତ କଟକ ଜିଲ୍ଲାର କେନ୍ଦ୍ରାପଡା ସବ୍‌ଡିଭିଜନ୍ ଅନ୍ତର୍ଗତ ପାଟକୁରା ଥାନାର ଦଶିପୁର ଗ୍ରାମରେ ପିତା ପଦ୍ମନାଭ ବେହେରା ଓ ମାତା ଅବଳୀ ବେହେରାଙ୍କ ଠାରୁ ଜନ୍ମ । ବାପାମାଆ ଅନେକ ପିଲା ଜନ୍ମ କରିଥିଲେ ହେଁ କେବଳ ନରୋତ୍ତମ ଏବଂ ତାଙ୍କର ଗୋଟିଏ ସାନ ଭଉଣୀ, ସାବିତ୍ରୀ ବଞ୍ଚି ରହିଥିଲେ । ତାଙ୍କ ବାପା ଚାଷ ଓ କ୍ଷୁଦ୍ରବ୍ୟବସାୟ କରି ଆର୍ଥିକ ଦୃଷ୍ଟିରୁ ଅପେକ୍ଷାକୃତ ସ୍ୱଚ୍ଛଳ ଥିଲେ ଓ ଗାଁର ମାମଲତକାର ଥିବା ସାଙ୍ଗଙ୍କୁ ଦଶିପୁର ନିମ୍ନ-ପ୍ରାଥମିକ ସ୍କୁଲର ସଂପାଦକ ମଧ୍ୟ ଥିଲେ ।

ଶ୍ରୀ ନରୋତ୍ତମ ବେହେରା ପ୍ରଥମେ ଦଶିପୁର ସ୍କୁଲ୍‌ରୁ ୩ୟ ଶ୍ରେଣୀ ପାସ୍ କଲାପରେ ପ୍ରଥମେ ନିକଟସ୍ଥ ଚଡେଇଗୁଆଁ ଗ୍ରାମର ଉଚ୍ଚ-ପ୍ରାଥମିକ ସ୍କୁଲ୍, ତାପରେ ମାର୍ଶାଘାଇ ମି.ଇ. ସ୍କୁଲ୍‌ରେ ଭର୍ତ୍ତି ହୋଇଥିଲେ ଏବଂ ଶେଷୋକ୍ତ ସ୍କୁଲ୍‌ରୁ ପଞ୍ଚମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥଲେ । ତା'ପରେ ସେ କୁଜଙ୍ଗ ବନବିହାରୀ ହାଇସ୍କୁଲ୍‌ରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିଲେ ଏବଂ କିଛି ମାସ ପାଠ ପଢିଥିଲେ । କିନ୍ତୁ ତାଙ୍କ ବାପାଙ୍କ ଅକାଳ ମୃତ୍ୟୁ ଯୋଗୁଁ ଏବଂ ସେ ବାପାଙ୍କର ଏକମାତ୍ର ପୁଅ ଥିବା କାରଣରୁ ପାରିବାରିକ ଜଞ୍ଜାଳ ତୁଲେଇବାକୁ ଯାଇ ନିଜର ସ୍କୁଲ୍‌ଶିକ୍ଷା ଷଷ୍ଠ ଶ୍ରେଣୀ ଅଧାରୁ ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ ।

ଶ୍ରୀ ବେହେରା ମାର୍ଶାଘାଇରେ ପଢୁଥିବା ବେଳେ ୧୯୩୪ ମସିହା ଜାନୁଆରି ମାସରେ ଗାନ୍ଧିଜୀଙ୍କ କେନ୍ଦ୍ରାପଡା ଗସ୍ତ ଅନୁଷ୍ଠିତ ହୋଇଥିଲା । ସ୍କୁଲ୍‌ର ପ୍ରଧାନଶିକ୍ଷକଙ୍କ କଡା ବାରଣ ଯୋଗୁଁ ସେ ଏବଂ ଅନ୍ୟ ସହପାଠୀମାନେ ଗାନ୍ଧିଜୀଙ୍କୁ ଦର୍ଶନ କରି ନପାରିଥିଲେ, କିନ୍ତୁ ସେହି ସମୟରୁ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେବା ପାଇଁ ତାଙ୍କ ମନରେ ସଂକଳ୍ପ ସୃଷ୍ଟି ହୋଇଥିଲା । କୁଜଙ୍ଗରେ ଯେଉଁ ସୀମିତ କାଳପାଇଁ ସେ ପାଠ ପଢିଥିଲେ, ସେହି ସମୟ ଭିତରେ ସେ ସ୍କାଉଟ୍‌ରେ ଯୋଗଦେଇଥିଲେ ଏବଂ ସେହି ସମୟରେ ହିଁ ସାଧାରଣ ଲୋକଙ୍କ ପାଇଁ ଦୁଃସାହାସିକ କାର୍ଯ୍ୟ କରିବା ସକାଶେ ତାଙ୍କର ମନୋବଳ ସୃଷ୍ଟି ହୋଇଥିଲା ।

ଗାଁ ଭିତରେ ବିଭିନ୍ନ ପ୍ରସଙ୍ଗଙ୍କୁ କେନ୍ଦ୍ର କରି ସାଧାରଣ ଲୋକଙ୍କ ପକ୍ଷରେ ତଥା ଗାଁର ସମୂହ ସ୍ୱାର୍ଥ ଓ ସଂସ୍କାରମୂଳକ କାର୍ଯ୍ୟ ପାଇଁ ନିଜର ସାଙ୍ଗସାଥୀଙ୍କ ସହଯୋଗରେ ନ୍ୟସ୍ତସ୍ୱାର୍ଥୀ ମାମଲତ୍‌କାରଙ୍କ ବିରୁଦ୍ଧରେ ଲଢେଇ କରିବାର ମାନସିକତା ଓ ଅଭ୍ୟାସ, ଯାହାକି ଶ୍ରୀ ବେହେରାଙ୍କର ପରବର୍ତ୍ତୀ ଜୀବନରେ ନିରବଚ୍ଛିନ୍ନ ଭାବେ ବଜାୟ ରହିଛି, ତାହା ସେହି ଅପରିଣତ ବୟସରେ ହିଁ ଦାନା ବାନ୍ଧି ଥିଲା । ୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବା ପରେପରେ ପ୍ରାଦେଶିକ କଂଗ୍ରେସ ସରକାରମାନେ ଇସ୍ତଫା ଦେଇ ଯୁଦ୍ଧ ବିରୁଦ୍ଧରେ ଓ ଦେଶର ସ୍ୱାଧିନତା ପାଇଁ ପ୍ରଚାର କରୁଥିବା ବେଳେ ଶ୍ରୀ ବେହେରା କଂଗ୍ରେସ୍ ଦଳରେ ଯୋଗଦେଇଥିଲେ ଏବଂ ସେବେଠାରୁ ୧୯୪୭ରେ ସ୍ୱାଧୀନତା ପ୍ରାପ୍ତି ଯାଏଁ ନିଜକୁ ଜଣେ ସର୍ବକ୍ଷଣ କର୍ମୀ ରୂପେ ସେଥିରେ ଉତ୍ସର୍ଗ କରିଥିଲେ । ୧୯୪୨ ମସିହା ଭାରତ ଛାଡ ଆନ୍ଦୋଳନ ସମୟରେ ନିଜର ପୁରୁଣା ଜାଗା କୁଜଙ୍ଗ ବନବିହାରୀ ହାଇସ୍କୁଲ୍ ସାମନାରେ ଅନ୍ୟାନ୍ୟ କଂଗ୍ରେସ୍ କର୍ମୀଙ୍କ ସହ ମିଶି 'ୟୁନିୟନ୍ ଜ୍ୟାକ୍ ମୁର୍ଦ୍ଦାବାଦ' ଧ୍ୱନି ଦେବା ଏବଂ ପିକେଟିଂ କରିବା ଅଭିଯୋଗରେ ସେ ଗିରଫ ହୋଇ ଥାନାରେ ଅଟକ ହୋଇଥଲେ । ଅପରାଧ ସାଂଘାତିକ ଧରଣର ହୋଇନଥିବାରୁ ପୋଲିସ୍ ସେମାନଙ୍କୁ ଛାଡି ଦେଇଥିଲା ଏବଂ ଏହା ପରେ ଶ୍ରୀ ବେହେରା ଅଣ୍ଡର୍‌ଗ୍ରାଉଣ୍ଡରେ ରହି ଗୋଜାବନ୍ଧର ସ୍ୱର୍ଗତ ଗଙ୍ଗାଧର ସାମନ୍ତରାୟ ପ୍ରମୁଖ ବନ୍ଧୁ ମାନଙ୍କ ସହ ମିଶି ମହାକାଳପଡା ଓ ମାର୍ଶାଘାଇ ଅଞ୍ଚଳ (ଯଥା- ଚଡେଇଗୁଆଁ ଓ କୁସୁନପୁର ଗ୍ରାମ)ରେ ଟେଲିଫୋନ୍ ଲାଇନ୍ କାଟିବା ଓ ଭିତରେ ଭିତରେ ଗାଁକୁ ଗାଁ ଭିତିରିଆ ବିପ୍ଳବୀ ସଂଗଠନ ଗଢି ତୋଳିବା କାର୍ଯ୍ୟରେ ଲାଗି ରହିଥିଲେ । ଗାନ୍ଧିବାଦୀ ଥିଲେ ହେଁ ସୁଭାଷ ବୋଷ ଯେତେବେଳେ ଡାକରା ଦେଲେ 'ଦିଲ୍ଲୀ ଚଲୋ', ଶ୍ରୀ ବେହେରା କଂଗ୍ରେସ୍‌ରେ ଥାଇମଧ୍ୟ ସଙ୍ଗେସଙ୍ଗେ ନିଜର ସାଙ୍ଗସାଥୀମାନଙ୍କୁ ସୁଭାଷଙ୍କ ପଟରେ ରହି ବ୍ରିଟିଶ୍ ସହ ଯୁଦ୍ଧ କରି ସ୍ୱାଧୀନତା ହାସଲ ପାଇଁ ମତାଇଥିଲେ । କିନ୍ତୁ ବ୍ରିଟିଶ୍ ହାତରେ ଜାପାନର ପରାଜୟ ଏବଂ ନେତାଜୀଙ୍କ ଅନ୍ତର୍ଦ୍ଧାନ ଫଳରେ ତାଙ୍କର ଏହି ସ୍ୱପ୍ନ ମଉଳି ଯାଇଥିଲା ।

ସ୍ୱାଧୀନତା ଆନ୍ଦୋଳନ ପାଇଁ କାମ କରୁଥିବା ବେଳେ ସମାଜ ସଂସ୍କାରକ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଅନୁଗାମୀ ବେଣୁଧର ଆଚାର୍ଯ୍ୟଙ୍କ ସଂସ୍ପର୍ଶରେ ଆସି ସେ ଓ ତାଙ୍କର ଯୁବବନ୍ଧୁମାନେ ନିଜ ଗାଁ ତଥା ଅଞ୍ଚଳରେ ବିଭିନ୍ନ ପ୍ରକାର ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୁଦ୍ଧରେ ସଂଗଠିତଭାବେ ଲଢେଇ ଚଳେଇଥିଲେ । ସେ ନିଜ ଗାଁର ହରିଜନଙ୍କ ଘରେ ଖାଇବା ସହିତ ହରିଜନମାନଙ୍କ ମନ୍ଦିର ପ୍ରବେଶ ପାଇଁ ଗାଁର ଯୁବପୀଢିଙ୍କୁ ଏକଜୁଟ୍ କରି ଆନ୍ଦୋଳନ ଆରମ୍ଭ କରିଥିଲେ ଏବଂ ରକ୍ଷଣଶୀଳ ଗୋଷ୍ଠୀଙ୍କ ଧମକ ଓ ଆକ୍ରମଣକୁ ମୁକାବିଲା କରି ପରିଶେଷରେ ସଫଳ ହୋଇଥିଲେ । ଏ କ୍ଷେତ୍ରରେ ତାଙ୍କର ପ୍ରମୁଖ ସାଥୀମାନଙ୍କ ଭିତରେ ଥିଲେ ସର୍ବଶ୍ରୀ ଭଗବାନ ପ୍ରଧାନ, ନିଶାମଣି ରାଉତ, କୁଳମଣି ରାଉତ ଓ ଗୌରାଙ୍ଗ ଜେନା ତଥା ସ୍ୱର୍ଗତ ବୁଲେଇ ନାୟକ, ଘନଶ୍ୟାମ ନାୟକ, ବଟ ମଳିକ, ଓ ନିଜ କୁଟୁମ୍ବର ଦାଦା

ବ୍ରଜବନ୍ଧୁ ବେହେରା, ଦୁର୍ଯ୍ୟୋଧନ ବେହେରା ଓ ଗୁରୁବାରି ବେହେରା । ମାର୍ଶାଘାଇ ଅଞ୍ଚଳରେ ସ୍ୱାଧୀନତା ଓ ସମାଜସଂସ୍କାର କାର୍ଯ୍ୟକୁ ଆଗେଇ ନେବା ଉଦ୍ଦେଶ୍ୟରେ ୧୯୪୫ ମସିହାରେ ଶ୍ରୀ ବେହେରା କେତେକ ଅଗ୍ରଦ୍ରଷ୍ଟା ସରକାରୀ କର୍ମଚାରୀ ଓ ଶିକ୍ଷିତ ବ୍ୟକ୍ତି (ଯଥା- କୁସୁନପୁରର ଶିକ୍ଷକ ବୃନ୍ଦାବନ ଲେଙ୍କା, ମାର୍ଶାଘାଇରେ ଅବସ୍ଥାପିତ ସାନିଟାରୀ ଇନ୍ସ୍ପେକ୍ଟର୍ ବାମଦେବ ମହାପାତ୍ର, କୃଷି ଓଭରସିଅର୍ ତଥା କଂଗ୍ରେସ୍ ନେତା ପ୍ରାଣକୃଷ୍ଣ ପଢ଼ିଆରୀଙ୍କ ପୁଅ ଦେବୀନାଥ ପଢ଼ିଆରୀ ପ୍ରମୁଖ)ଙ୍କ ସହ ମିଶି ଗୋପବନ୍ଧୁ ସେବାସଂଘ ପ୍ରତିଷ୍ଠା କରିଥିଲେ । ବୃନ୍ଦାବନ ବାବୁ ଏହାର ପ୍ରଥମ ସଭାପତି ଓ ଶ୍ରୀ ବେହେରା ପ୍ରଥମ ସଂପାଦକ ଥିଲେ । ଏହି ସେବାସଂଘ ତରଫରୁ ଶ୍ରୀ ବେହେରା ଦଳେ ହରିଜନଙ୍କୁ ନେଇ ୧୯୪୬ ମସିହାରେ ତିର୍ତ୍ତୋଲର ଶାରଳା ମନ୍ଦିରରେ ହରିଜନ ପ୍ରବେଶ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେଦିନ ଘଟଣାସ୍ଥଳରେ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ, ମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ଓଡିଶା ଲାଟ୍ କୈଳାସନାଥ କାଟ୍‌ଜୁ ମଧ୍ୟ ଉପସ୍ଥିତ ଥିଲେ । ସେହି ସମୟରେ ସେବାସଂଘର ଅନ୍ୟ କେତୋଟି ଉଲ୍ଲେଖନୀୟ ସଫଳ କାର୍ଯ୍ୟ ହେଲା, ମହାକାଳପଡାର ରାମଚଣ୍ଡି ଯଜ୍ଞରେ ବୋଦାବଳୀ ବିରୁଦ୍ଧରେ ସତ୍ୟାଗ୍ରହ, ଏକାଦଶୀ ଦିନ ହଳ ବୁଲେଇବା ଓ ବିହନବୁଣିବା, ନଡିଆଗଛ ଲଗେଇବା ପାଇଁ ବ୍ରାହ୍ମଣମାନଙ୍କ ଏକଚାଟିଆ ଅଧିକାରର ପରମ୍ପରାକୁ ଭାଙ୍ଗିବା, ଛତରଖିଆ ଜାତିପ୍ରଥାକୁ ଉଠେଇବା ଓ ବାଧ୍ୟତାମୂଳକ ଲକ୍ଷ୍ମୀପୂଜାକୁ ବନ୍ଦ କରିବା । କେନ୍ଦ୍ରାପଡାର ସଚ୍ଚିଦାନନ୍ଦ ମହାନ୍ତି ଓ ପଟ୍ଟାମୁଣ୍ଡାଇର କରୁଣାକର ନାୟକ ଏପ୍ରକାର ସଂସ୍କାରକାର୍ଯ୍ୟରେ ଶ୍ରୀ ବେହେରାଙ୍କ ଗୋଷ୍ଠୀଙ୍କୁ ସାହାଯ୍ୟ କରିଥିଲେ ।

ସ୍ୱାଧୀନତା ପରେ ଶ୍ରୀ ବେହେରା ନିଜର ଚାଷବାସ ଏବଂ ଗାଁର ଭଲମନ୍ଦ ବୁଝିବା ସହିତ ଦୀର୍ଘକାଳ ଧରି ସର୍ବୋଦୟ ଆନ୍ଦୋଳନର ସକ୍ରିୟ କର୍ମୀ ଭାବେ କାମ କରିଥିଲେ ଏବଂ ନିଜେ ମଧ୍ୟ ଗୋଟିଏ ଏକର ଜମିଦାନ କରିଥିଲେ । ନିଜ ଗାଁ ଦଶିପୁର ସମେତ ବିଭିନ୍ନ ସ୍ଥାନରେ ସେ ସର୍ବୋଦୟ ଶ୍ରମ ଶିବିର ଆୟୋଜନ କରିଥିଲେ । ଦଶିପୁର ଶ୍ରମଶିବିରରେ ତାଙ୍କ ପ୍ରେରଣାରେ ନିଜ ସହଧର୍ମିଣୀଙ୍କ ସହ ଗାଁର ଅନ୍ୟ କେତେକ ସ୍ତ୍ରୀ ଲୋକ ଗାଁ ଇତିହାସରେ ପ୍ରଥମ ଥର ପୁରୁଷଙ୍କ ସହ ମିଶି ରାସ୍ତାନିର୍ମାଣ ପାଇଁ ମୁଣ୍ଡରେ ମାଟି ବୋହିଥିଲେ । ତାଙ୍କ ସ୍ତ୍ରୀଙ୍କୁ ବରି-ରାମଚନ୍ଦ୍ରପୁର ଠାରେ ଥିବା ସର୍ବୋଦୟ ଆଶ୍ରମରେ ରମାଦେବୀ ଓ ଅନ୍ନପୂର୍ଣ୍ଣା ମହାରଣାଙ୍କ ହେପାଜତରେ ତାଲିମ୍ ପାଇଁ ମଧ୍ୟ ଛାଡିଥିଲେ । ବିନୋବାଙ୍କ ଓଡିଶା ଗସ୍ତ ସମୟରେ ଶ୍ରୀ ବେହେରା ଆଳିରେ ଡାକ୍ତର ଦିବାକର ନାଥ ଶର୍ମାଙ୍କ ଘରେ ରହି ସେ ଅଞ୍ଚଳରେ ଗାଁଗାଁକୁ ବୁଲି ଭୂଦାନ ସଂଗ୍ରହ କରିବା ସହିତ ସର୍ବୋଦୟ ସଂଗଠନ ଗଢି ତୋଳିଥିଲେ । ରାଜ୍ୟର ଜଣେ ବିଶିଷ୍ଟ ଗାନ୍ଧୀପନ୍ଥୀ ଶିକ୍ଷକ ଚିନ୍ତାମଣି ସ୍ୱାଇଁଙ୍କ ଦ୍ୱାରା ନେମ୍ବରାଠାରେ ନୂଆକରି ଗଢିଉଠୁଥିବା ଆଦର୍ଶ ଆବାସିକ ବିଦ୍ୟାଳୟ ମଧୁସାଗର ବିଦ୍ୟାପୀଠକୁ ମଜବୁତ୍ କରି ଗଢିତୋଳିବା ଦିଗରେ ଶ୍ରୀ ବେହେରା ତାଙ୍କର ସାଥୀ ସୁରେଶ ସ୍ୱାଇଁ, ଦିବାକର ପରିଡା, କେଲୁ ଖଟୁଆ, ଅନାଦି ପରିଡା ଓ କ୍ଷେତ୍ରମୋହନ ଦାସ ପ୍ରମୁଖଙ୍କ ସହ ମିଶି ନିଜର ଶ୍ରମ, ସମୟ ଓ ଅର୍ଥ ଦାନ କରିଥିଲେ ତଥା ନିଜର ଝିଅ ଓ ପୁଅକୁ ମଧ୍ୟ ସେଠାରେ ପଢିବା ପାଇଁ ଛାଡିଥିଲେ । ଗୋପବନ୍ଧୁ ସେବାସଂଘ ତରଫରୁ ମାର୍ଶାଘାଇ ହାଇସ୍କୁଲ୍ ପ୍ରତିଷ୍ଠାପାଇଁ ସେ ଗାଁଗାଁ ବୁଲି ଚାନ୍ଦାଭେଦା ସଂଗ୍ରହ କରିଥିଲେ ଏବଂ ଏହି କାର୍ଯ୍ୟରେ ସେ ଅଞ୍ଚଳର ସେତେବେଳର ଏକମାତ୍ର ଉଚ୍ଚଶିକ୍ଷିତ ହରିଜନ ଯୁବକ ପ୍ରହ୍ଲାଦ ମଲ୍ଲିକ ତାଙ୍କୁ ନିଜର ମନପ୍ରାଣ ଦେଇ ସାହାଯ୍ୟ କରିଥିଲେ । ସେହି ସମୟରୁ ଉଭୟଙ୍କ ଭିତରେ ବ୍ୟକ୍ତିଗତ ଘନିଷ୍ଠତା ଗଢି ଉଠିଥିଲା, ଯାହାକି ପରବର୍ତ୍ତୀ ସମୟରେ ଅଞ୍ଚଳର ସମୂହ ଉନ୍ନତି ଦିଗରେ ସହାୟକ ହୋଇଥିଲା ।

ଶ୍ରୀ ବେହେରା ପାରାଦ୍ୱୀପ ବନ୍ଦର ଗଢାହେବା ବେଳେ ସେ ଅଞ୍ଚଳର ଲୋକେ ସୁବିଧାରେ କାମ ପାଇବା ଉଦ୍ଦେଶ୍ୟରେ ଏକ 'ଲେବର୍ କଣ୍ଟ୍ରାକ୍ଟ କୋପରେଟିଭ୍ ସୋସାଇଟି' ଗଢି ନିଜେ ଏହାର ସଂପାଦକ ରହିଲେ ଏବଂ ଗିରଙ୍ଗ ଗ୍ରାମର କମ୍ୟୁନିଷ୍ଟ ନେତା ମଦନ ଅଧିକାରୀ ସଭାପତି ରହିଲେ । ସେ ଅଞ୍ଚଳର ଝୋଟଚାଷୀ ମାନଙ୍କର ସୁବିଧା ପାଇଁ ଗଢାହୋଇଥିବା ଝୋଟ ବାଣିଜ୍ୟ ସମବାୟ ସମିତି ଦାନପୁର ଲିମିଟେଡର ଡାଇରେକ୍ଟର ଭାବେ ଶ୍ରୀ ବେହେରା ୧୯୬୬ରୁ ୬ବର୍ଷ ଧରି କାର୍ଯ୍ୟଭାର ତୁଲାଇଥିଲେ । ଏହାପରେ ସେ କେନ୍ଦ୍ରାପଡା ଭୂ-ଉନ୍ନୟନ ବ୍ୟାଙ୍କ୍‌ର ଡାଇରେକ୍ଟର ଭାବେ ମଧ୍ୟ ୬ ବର୍ଷ କାର୍ଯ୍ୟ କରିଥିଲେ । କିନ୍ତୁ ଉପରୋକ୍ତ ୩ଟି ସଂସ୍ଥାରେ ସେ ନିୟମ ଓ ନିଷ୍ଠା ସହକାରେ କାର୍ଯ୍ୟ କରୁଥିବାରୁ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ସହ ତାଙ୍କର ଗଭୀର ମନୋମାଳିନ୍ୟ ଘଟିଥିଲା ଏବଂ ସେହି କାରଣରୁ ସେ ଏସବୁ ସଂସ୍ଥାରୁ ନିଜ ଆଡୁ ଇସ୍ତଫା ଦେଇଥିଲେ ମଧ୍ୟ ।

ବର୍ତ୍ତମାନ ୮୭ବର୍ଷରେ ପହଞ୍ଚିବା ସତ୍ତ୍ୱେ ଶ୍ରୀ ବେହେରା ଏବେବି ତାଙ୍କର ପୁରୁଣା ଅଭ୍ୟାସ ଯଥା, ରାତି ୪ଟାରୁ ଉଠିବା, ପ୍ରାର୍ଥନା କରିବା, ଶାରିରୀକ ଶ୍ରମ କରିବା, ସିଝା ଖାଇବା, ଖବର କାଗଜ ପଢିବା ଓ ରେଡିଓ ଶୁଣିବା ଇତ୍ୟାଦି ବଜାୟ ରଖିଛନ୍ତି । ଏବେ ପ୍ରତିଦିନ ସଂଧ୍ୟାବେଳେ ସେ ନିଜ ଘରେ ଭାଗବତ ପାଠ ଆୟୋଜନ କରେଇଥାନ୍ତି । ଏହାଛଡା ଏବେବି ଗାଁର ଗରୀବଗୁରୁବା ଲୋକେ, ବିଶେଷ କରି ହରିଜନ ମାନେ ଅସୁବିଧାରେ ପଡିଲେ ଶ୍ରୀ ବେହେରାଙ୍କ ପରାମର୍ଶ ଲୋଡିଥାନ୍ତି ଏବଂ ସେ ଯଥାସାଧ୍ୟ ସେମାନଙ୍କୁ ସାହାଯ୍ୟ କରନ୍ତି ।